# NATIONAL NEWS BULLETIN (ODIA)

## 30 August - 2025

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ୨୫ତମ ସାଂଘାଇ ସହଯୋଗ ବୈଠକରେ ଯୋଗଦେବା ଲାଗି ଚୀନ୍‌ର ତିଆନ୍‌ଜିନ୍‌ରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

– ବିଭିନ୍ନ ପ୍ରସଙ୍ଗରେ ବିଶ୍ୱ ନେତୃବୃନ୍ଦଙ୍କ ସହ କରିବେ ଆଲୋଚନା ।

- ଦେଶର ପ୍ରଥମ ଟେମ୍ପର୍ଡ୍ ଗ୍ଲାସ୍ ନିର୍ମାଣ କେନ୍ଦ୍ରର ଉଦ୍‌ଘାଟନ କଲେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ।
- ଭୁବନେଶ୍ୱରରେ ଚାଲିଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ କମିଟି ସମ୍ମିଳନୀ ଉଦ୍‌ଯାପିତ ।
- ମୋରିଟାନିଆ ଉପକୂଳରେ ଡଙ୍ଗାବୁଡ଼ି ୭୦ ମୃତ ।

ଏବଂ

- ଦ୍ୱାଦଶ ପୁରୁଷ ଏସିଆ କପ୍ ହକି ପ୍ରତିଯୋଗିତାରେ ଆଜି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ମାଲେସିଆ ଓ ବାଂଲାଦେଶ ବିଜୟୀ ।

# ପିଏମ୍-ଚାଇନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୫ତମ ସାଂଘାଇ ସହଯୋଗ ସଂଗଠନ – ଏସ୍.ସି.ଓ. ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ୍‌ର ତିଆନ୍‌ଜିନ୍‌ଠାରେ ପହଞ୍ଚିଛନ୍ତି । ଏହି ସମ୍ମିଳନୀ ଆସନ୍ତାକାଲିଠାରୁ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଦୁଇ ଦିନିଆ ବୈଠକରେ ଅଂଶଗ୍ରହଣ କରି ବିଶ୍ୱର ବିଭିନ୍ନ ନେତାମାନଙ୍କ ସହ କଥାବାର୍ତ୍ତା କରିବେ ।

ଶ୍ରୀ ମୋଦୀ ଅନ୍ୟ ଦେଶର ନେତାମାନଙ୍କ ସହ ଆଞ୍ଚଳିକ ସୁରକ୍ଷା, ସଂଯୋଗୀକରଣ, ସ୍ଥାୟୀ ବିକାଶ ଏବଂ ବିଶ୍ୱ ସହଯୋଗ ଭଳି ପ୍ରସଙ୍ଗ ବିଷୟରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀରେ ଗତ ୨୫ ବର୍ଷର ସଫଳତାର ସମୀକ୍ଷା କରାଯିବା ସହ ଆସନ୍ତା ୧୦ ବର୍ଷ ପାଇଁ କରାଯିବାକୁ ଥିବା ବିକାଶ ସମ୍ପର୍କରେ ରଣନୈତିକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯିବ । ଚୀନ୍ ପଞ୍ଚମଥର ପାଇଁ ଏହି ଏସ୍.ସି.ଓ. ସମ୍ମିଳନୀର ଆୟୋଜନ କରୁଛି । ଯେଉଁଥିରେ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଅଧ୍ୟକ୍ଷତା କରିବେ । ୨୦ରୁ ଅଧିକ ରାଷ୍ଟ୍ର ମୁଖ୍ୟ ଏବଂ ୧୦ ଜଣ ଆନ୍ତର୍ଜାତିକ ସଂଗଠନର ନେତାମାନେ ଏଥିରେ ଯୋଗଦେବେ । ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ମଧ୍ୟ ଏହି ବୈଠକରେ ଯୋଗଦେବେ ବୋଲି ସୂଚନା ମିଳିଛି ।

## ପିଏମ୍-ଜାପାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଫଳତାର ସହ ଦୁଇଦିନିଆ ଜାପାନ ଗସ୍ତ ଶେଷ କରିଛନ୍ତି । ପଞ୍ଚଦଶ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ସହ ପ୍ରଧାନମନ୍ତ୍ରୀ ଟୋକିଓଠାରେ ୧୬ଟି ପ୍ରଶାସନିକ କ୍ଷେତ୍ରର ଗଭର୍ଣ୍ଣରଙ୍କ ସହ ସାକ୍ଷାତ ଆଲୋଚନା କରି ଭାରତ-ଜାପାନ ଦ୍ୱିପାକ୍ଷିକ ସଂପର୍କର ନୂତନ କ୍ଷେତ୍ରଗୁଡ଼ିକ ଉପରେ ମାର୍ଗ ଉନ୍ମୋଚନ କରିବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା, ନବସୃଜନ, ଭିତ୍ତିଭୂମି ବିକାଶ, ଷ୍ଟାର୍ଟଅପ୍ ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ସହଭାଗିତା ନେଇ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ବୈଠକ ପରେ ଶ୍ରୀ ମୋଦୀ' ଜାପାନ ପ୍ରତିପକ୍ଷ ଶିଗେରୁ ଇସିବା'ଙ୍କ ସହ ସିନ୍କାନ୍ସେନ୍ ବୁଲେଟ୍ ଟ୍ରେନ୍ ଯୋଗେ ଯାତ୍ରା କରି ମିଆଗି ପ୍ରଦେଶର ସେଣ୍ଡାଇସ୍ଥିତ ଟୋକିଓ ଇଲେକ୍ଟ୍ରୋଲ୍ ଫ୍ୟାକ୍ଟ୍ରି ଅଞ୍ଚଳ ପରିଦର୍ଶନ କରିଥିଲେ । ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀ ଅବସରରେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ପ୍ରାୟ ଅଢ଼େଇଘଣ୍ଟା ଏକତ୍ର ବିତାଇଛନ୍ତି ।

## ଅଶ୍ୱିନୀ ବୈଷ୍ଣବ

ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉତ୍ତରପ୍ରଦେଶର ନୋଏଡ଼ାଠାରେ ମୋବାଇଲ୍ ଡିଭାଇସ୍ ପାଇଁ ଦେଶର

ପ୍ରଥମ ଟେମ୍ପଡ୍ ଗ୍ଲାସ୍ ନିର୍ମାଣ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ସମାରୋହ ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଟେମ୍ପଡ୍ ଗ୍ଲାସ୍ ମୋବାଇଲ୍ ଫୋନ୍ ପାଇଁ ଏକ ଉପଯୋଗୀ ସାମଗ୍ରୀ, ଯାହା ସ୍ୱଦେଶୀ ଜ୍ଞାନକୌଶଳରେ ମେକ୍ ଇନ୍ ଇଣ୍ଡିଆ ଅଭିଯାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣର ଏକ ପ୍ରମୁଖ ପଦକ୍ଷେପ । ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଭାରତରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୬ ଗୁଣ ବୃଦ୍ଧି ପାଇ ୧୧ ଦଶମିକ୍ ୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି ତିନି ଲକ୍ଷ କୋଟିରୁ ଅଧିକ ରପ୍ତାନୀ କରାଯାଇ ଏଥିରେ ଅଢ଼େଇ ନିୟୁତ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିଛି । ଦେଶରେ ସାମଗ୍ରୀକ ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମ୍ ଦ୍ରୁତ ଗତିରେ ବିକାଶ କରାଯାଇ ଧୀରେ ଧୀରେ ଏହାର ଗୁଣାତ୍ମକମାନ ବୃଦ୍ଧି କରାଯାଇଛି ।

**V/O-1-ASHWINI-VAISHNAV**

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ ଦେଶର ଅଭିବୃଦ୍ଧି ୭ ଦଶମିକ୍ ୮ ପ୍ରତିଶତ ରହି ଦେଶ ଏକ ସ୍ଥିର, ପ୍ରଗତିଶୀଳ ଓ ନବସୃଜନ ଅର୍ଥନୀତିରେ ପରିଣତ ହୋଇଛି । ପର୍ଯ୍ୟାୟକ୍ରମେ ଭାରତ ମୋବାଇଲ୍ ଫୋନ୍‌ରେ ବ୍ରବହୃତ ପ୍ରତ୍ୟେକ ଉପାଦାନ, ଯେପରିକି ଚିପ୍ସ, କଭରଗ୍ଲାସ୍, ଲାପ୍‌ଟପ୍ ଏବଂ ସର୍ଭର ପ୍ରସ୍ତୁତ କରିବ, ଯାହା ଦ୍ୱାରା ଦେଶକୁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ମାନ୍ୟତା ମିଳିପାରିବ ବୋଲି ମନ୍ତ୍ରୀ କହିଛନ୍ତି । ମେଡ୍ ଇନ୍ ଇଣ୍ଡିଆ ଚିପ୍ ଖୁବ୍ ଶୀଘ୍ର ପ୍ରଚଳନ କରାଯିବ, ଯାହା ଦେଶର ଆତ୍ମନିର୍ଭରଶୀଳତା

ଯାତ୍ରାରେ ଆଉ ଏକ ମାଇଲ୍‌ଖୁଣ୍ଟ ସଦୃଶ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଦୁଇଦିନିଆ ସମ୍ମିଳନୀ ଉଦ୍‌ଯାପନୀ

ଅନୁସୂଚିତ ଜାତି ଓ ଜନଜାତିଙ୍କ ସଶକ୍ତୀକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଚାଲିଥିବା ଦୁଇଦିନିଆ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ପାଇଁ ସଂସଦୀୟ କମିଟିର ଜାତୀୟ ସମ୍ମିଳନୀର ଆଜି ଉଦ୍‌ଯାପନୀ ଦିବସରେ ଯୋଗଦେଇ ଶ୍ରୀ ବିର୍ଲା କହିଛନ୍ତି, ଶିକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ଜନଜାତି ଯୁବପିଢ଼ିଙ୍କ ଭବିଷ୍ୟତ ସଶକ୍ତୀକରଣର ପ୍ରମୁଖ ଆୟୁଧ ହେବ ।

ଶ୍ରୀ ବିର୍ଲା ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରି କହିଛନ୍ତି, ସଂସଦୀୟ କମିଟି ଏହି ବର୍ଗଙ୍କ ବିଭିନ୍ନ ଯୋଜନା ସମୀକ୍ଷା କରିବା ସହ ସମତାଭିତ୍ତିକ ଦେଶ ଗଠନ ଉପରେ କାର୍ଯ୍ୟ କରୁଛନ୍ତି। ୨୦୪୭ ମସିହା ସୁଦ୍ଧା ଏକ ସମତା ଓ ନ୍ୟାୟପୂର୍ଣ୍ଣ ସମାବେଶୀ ସମାଜ ନିର୍ମାଣ ନିଶ୍ଚିତ କରିବ ବୋଲି ସେ କହିଛନ୍ତି। ସମ୍ମିଳନୀର ମହତ୍ତ୍ୱପୂର୍ଣ୍ଣ ବିଚାର, ଅନୁଭବ ଓ ନବସୃଜନକୁ ଉପଯୋଗ କରି ସଂସଦୀୟ ସମିତି ମାଧ୍ୟମରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ କରାଯାଇପାରିବ ବୋଲି ବାଚସ୍ପତି କହିଛନ୍ତି।

# ପୁରୀ-ଏନର୍ଜୀ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରି କହିଛନ୍ତି, ଦେଶର ୭ ଦଶମିକ୍ ୮ ପ୍ରତିଶତ ଜି.ଡି.ପି. ଅଭିବୃଦ୍ଧି ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଏକ ସକାରାତ୍ମକ ପ୍ରଭାବ ଆଣିପାରିଛି । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପୁରି କହିଛନ୍ତି, ଭାରତର ଅର୍ଥନୀତି ସକାରାତ୍ମକ ଦିଗରେ ଗତି କରିବା ସହ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଉଚିତ୍ ପଦକ୍ଷେପ ନିଆଯାଉଛି । ବିଶ୍ୱସ୍ତରରେ ଶକ୍ତି ସଂରକ୍ଷଣ ତୁଳନାରେ ଭାରତ ତିନି ଗୁଣ ଶକ୍ତି ସଂରକ୍ଷଣ କରିପାରିଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ସବୁଜ ଚିରସ୍ଥାୟୀ ଶକ୍ତି ରୂପାନ୍ତରଣ କ୍ଷେତ୍ରରେ ଏହାର ଚାହିଦାକୁ ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଭାରତ ୪ ଦଶମିକ୍ ୩ ଟ୍ରିଲିୟନ୍ ଡଲାର୍ ଅର୍ଥନୀତିରେ ପହଞ୍ଚିବା ଏବଂ ଜି.ଡି.ପି. ଅଭିବୃଦ୍ଧି ଦେଶର ସାମଗ୍ରୀକ ଅର୍ଥନୈତିକ ବିକାଶ ଦର୍ଶାଉଥିବା ଶ୍ରୀ ପୁରୀ କହିଛନ୍ତି ।

**V/O-2-HARDEEP-SINGH-PURI---GDP**

# ରୁଷ-ୟୁକ୍ରେନ୍ ଆଟାକ୍

ୟୁକ୍ରେନ୍ ଉପରେ ରୁଷର ଅତର୍କିତ ଆକ୍ରମଣ ଫଳରେ ଜଣଙ୍କ ମୃତ୍ୟୁ ହେବା ସହ ୨୪ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଏଥିରେ ଅନେକ ଗୁଡ଼ିଏ ଆବାସିକ ଗୃହ ଏବଂ ଭିତ୍ତିଭୂମି ନଷ୍ଟ ହୋଇଛି । ଆହତଙ୍କ ମଧ୍ୟରେ ଜାପୋରି ଝାଝିଆ ଅଞ୍ଚଳର ତିନି ଜଣ ଶିଶୁ ଆହତ ହୋଇଥିବା ସୂଚନା ମିଳିଛି । ସେଠାକାର ଜଣେ ଅଧିକାରୀ କହିଚନ୍ତି, ଏହି ଆକ୍ରମଣ ପରେ ପ୍ରାୟ ୨୫ ହଜାର ଅଧିବାସୀ ବିନା ବିଦ୍ୟୁତ୍ ଶକ୍ତିରେ ରହିଛନ୍ତି ।

ଅନ୍ୟ ପକ୍ଷରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି କହିଛନ୍ତି, ଏହି ଆକ୍ରମଣରେ ୫୦୦ଟି ଡ୍ରୋନ୍ ଓ ୪୫ଟି କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଥିଲା । ୟୁକ୍ରେନ୍ ଦାବି କରିଛି, ରୁଷ ଭିତରେ ଦୁଇଟି ସେତୁକୁ ନଷ୍ଟ କରାଯାଇଥିବା ବେଳେ ଅନେକ ଅସ୍ତ୍ରଶସ୍ତ୍ର ଧ୍ୱଂସ କରାଯାଇଛି ।

# ବୋଟ୍-କାପ୍‌ସାଇଜଡ୍

ମୋରିଟାନିଆ ଉପକୂଳରେ ଏକ ଯାତ୍ରୀବାହି ଡଙ୍ଗା ବୁଡ଼ିଯିବା ଫଳରେ ୭୦ ଜଣଙ୍କ ମୃତ୍ୟୁ ହୋଇଛି । ଗାମ୍ବୀୟାର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଗତକାଲି ପ୍ରବାସୀମାନଙ୍କୁ ନେଇ ଯାଉଥିବା ଡଙ୍ଗାଟି ବୁଡ଼ି ଯାଇଥିଲା । ଏଥିରେ ୧୫୦ ଜଣ ଯାତ୍ରୀ ଯାତ୍ରା କରୁଥିଲେ

ବୋଲି ସୂଚନା ମିଳିଛି । ମାତ୍ର ୧୬ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ନିଖୋଜ ଥିବା ୩୦ ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ଗତ ଦୁଇ ଦିନ ମଧ୍ୟରେ ୭୦ଟି ମୃତ ଦେହ ଉଦ୍ଧାର କରାଯାଇଛି । ସେଠାକାର ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ମୃତ୍ୟୁ ସଂଖ୍ୟା ଏକ ଶହରୁ ଅଧିକ ହେବ ବୋଲି କୁହାଯାଇଛି ।

## ହକି

ବିହାରର ରାଜଗିରି ଠାରେ ଚାଲିଥିବା ଦ୍ୱାଦଶ ପୁରୁଷ ଏସିଆକପ୍ ହକି ପ୍ରତିଯୋଗିତାରେ ମାଲେସିଆ ୪-୧ ଗୋଲ୍‌ରେ କୋରିଆକୁ ପରାସ୍ତ କରିଛି । ରାଜଗିର୍ ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ମାଲେସିଆର ଅଖିମୁଲ୍ଲା ଅନୁଓ୍ୱାର୍ ତିନୋଟି ଗୋଲ୍ ଦେଇ ହ୍ୟାଟ୍ରିକ୍ କରିଛନ୍ତି । ଏହାର ଜବାବରେ କୋରିଆ ମାତ୍ର ଗୋଟିଏ ଗୋଲ୍ ମଧ୍ୟରେ ସୀମିତ ରହିଥିଲା ।

ଆଜି ଅନୁଷ୍ଠିତ ପୁଲ୍-ବି'ର ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ଚାଇନିଜ୍ ତାଇପେଇକୁ ୮-୩ ଗୋଲ୍‌ରେ ପରାସ୍ତ କରିଛି । ୬ଟି ପେନାଲ୍ଟି କର୍ଣ୍ଣର୍ ମଧ୍ୟରୁ ୪ଟିକୁ ସଫଳ ଭାବେ ବାଂଲାଦେଶ ଗୋଲ୍‌ରେ ପରିବର୍ତ୍ତନ କରିଥିଲା । ଅଶ୍ରଫୁଲ୍ ଇସଲାମ୍, ରକିବୁଲ୍ ହସନ୍ ଏବଂ ମହମ୍ମଦ୍ ଅବଦୁଲ୍ଲା ୨ଟି ଲେଖାଏଁ ଗୋଲ୍ କରିଥିଲେ ।

ଆସନ୍ତାକାଲି ପୁଲ୍-ଏ’ର ଏକ ମ୍ୟାଚ୍‌ରେ ଜାପାନ୍ ଓ ଭାରତ ମୁହାଁମୁହିଁ ହେବେ । ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।